# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

ବିବିଧ (Alienation Misc.) ମୋକଦ୍ଦମା ସଂଖ୍ୟା ୩୦ /୨୦୨୪

## ନୋଟିସ

ପ୍ରୋସେସ ସଂଖ୍ୟା. 1128 ତାରିଖ: 15.10.2025

ପ୍ରାପ୍ତେଷୁ,

ଡିଜତ ଭଇଁସା, ପି: ଭୁଲା ଭଇଁସା , ଜାତି ଗଉଡ ବାସସ୍ଥାନ ନିଜଗାଁ (ରେଙ୍ଗାଲି)

ବିଷୟ: ବିବିଧ (Alienation Misc.) ମୋକଦ୍ଦମା ସଂଖ୍ୟା ୦୩ /୨୦୨୫ ରେ ମନ୍ତବ୍ୟ ଖାନା ରୁ ବାଦ ଦେବା ନିମନ୍ତେ ତହସିଲ କାର୍ଯ୍ୟାଳୟ ଶୁଣାଣି

ଏତଦ୍ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ରେଙ୍ଗାଲି ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଅଧକ୍ଷ ତଥା ସମ୍ପାଦକ, ସୁରଜମଲ ମହାବିଦ୍ୟାଳୟ, ରମ୍ପେଲା ଦଖଲରେ ଥିବା ସରକାରୀ ଜମି ର ନିୟମିତିକରଣ ନିମନ୍ତେ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ ଆବାଦ ଯୋଗ୍ୟ ଅନାବାଦୀ ଖାତାରେ ରେକର୍ଡ ଥାଇ ମନ୍ତବ୍ୟ ଖାନାରେ "ସାବକ କିସମ ଗୋଚର, ବେଆଇନ ଦଖଲ ଡିଜତ, ଭଏଁସା ମୁତାବକ ନମ୍ବର 3439"" ଥିବାରୁ ଉକ୍ତ ଜମିକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ମନ୍ତବ୍ୟ ଖାନାରେ ଥିବା ବେଆଇନ ଦଖଲ ନୋଟକୁ ବାଦ ଦେବା ଆବଶ୍ୟକ ପଡୁଅଛି ।

ଏହାର ଶୁଣାଣି ତା. ୨୩.୧୦.୨୦୨୫ ରିଖ ସମୟ ଦିବା ୧୧.୩୦ ଘଟିକାରେ ରେଙ୍ଗାଲି ତହସିଲ କାର୍ଯ୍ୟାଳୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହେବା ପାଇଁ ଧାର୍ଯ୍ୟ କରା ଯାଇଛି । ଯଦି ଏହି ପ୍ରସ୍ତାବିତ ବେଆଇନ ଦଖଲ ନୋଟକୁ ବାଦ ଦେବା ଉପରେ କିଛି ଆପତ୍ତି ଥାଏ, ତେବେ ନିଜର ଦାବି ସପକ୍ଷରେ ସମ୍ପୃକ୍ତ କାଗଜାତ ସହ ନିର୍ଦ୍ଧାରିତ ସମୟରେ ଉପର ବର୍ଣ୍ଣିତ ସ୍ଥାନରେ ଉପସ୍ଥିତ ହୋଇ ନିଜର ଆପତ୍ତି ରଖି ପାରିବେ । ଧାର୍ଯ୍ୟ ତାରିଖରେ ଅନୁପସ୍ଥିତ ରହିଲେ ପରେ ଆଉ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ରକବା | କିସମ | ମନ୍ତବ୍ୟ |
|---|---|---|---|---|---|
| ରେଙ୍ଗାଲି | ୫୦୨ (ଆବାଦ ଯୋଗ୍ୟ ଅନାବାଦି) | ୩୪୯୦ ରୁ | ୧.୧୫ | ମାଳ ସାଧାରଣ | "ସାବକ କିସମ ଗୋଚର, ବେଆଇନ ଦଖଲ ଡିଜତ, ଭଏଁସା ମୁତାବକ ନମ୍ବର 3439" |
| ମୋଟ | ୧ ଖାତା | ୧ ପ୍ଲଟ | ୧.୧୫ | | |

ତହସିଲଦାର,ରେଙ୍ଗାଲି

ଜ୍ଞାପକ ସଂଖ୍ୟା 1129 ତା: 15.10.2025

ଏହାର ଦୁଇ କିତା ନକଲ ରାଜସ୍ୱ ନିରୀକ୍ଷକ, ରେଙ୍ଗାଲିଙ୍କ କାର୍ଯ୍ୟାଳୟ କୁ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ନୋଟିସ ନାମିତ ବ୍ୟକ୍ତିଙ୍କୁ ନୋଟିସ ତାମିଲ କରି ତାମିଲ ନୋଟିସ ଫେରସ୍ତ ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣନ୍ସ ପରିଚାଳକ, ସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣା କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
ତହସିଲଦାର,
ରେଙ୍ଗାଲି, ସମ୍ବଲପୁର

Scanned with OKEN Scanner